## ଭରତପୁର କୋଇଲା ଖଣି ଦୁର୍ଘଟଣାର ମୃତକ ପରିବାରଙ୍କୁ କ୍ଷତିପୂରଣ ଓ ନିଯୁକ୍ତି ପ୍ରଦାନ ନିମନ୍ତେ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ –

### ପ୍ରତି ମୃତକ ପରିବାରଙ୍କୁ ୩୦ ଲକ୍ଷ ଟଙ୍କାର ଅନୁକମ୍ପା ସହାୟତା ଓ ନିଯୁକ୍ତି ।

ଅନୁଗୋଳ,ତା.୦୬.୦୮ : - ଗତ ମାସ ୨୩ ତାରିଖ ରାତି ୧୦ଟା ସମୟରେ ମହାନଦୀ କୋଇଲା ଖଣିର ଭରତପୁର ଖଣିରେ ମାଟି ଧସି ୪ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା । ମୃତକ ପରିବାରଙ୍କୁ ଉପଯୁକ୍ତ କ୍ଷତିପୂରଣ ଓ ନିଯୁକ୍ତି ଦେବା ସହ ବିଭିନ୍ନ ଖଣିରେ କାର୍ଯ୍ୟରତ ଅବସ୍ଥାରେ ମୃତ୍ୟୁ ବରଣ କରିଥିବା ବିସ୍ଥାପିତ ପରିବାରଙ୍କୁ ଉପଯୁକ୍ତ ସହାୟତା ପ୍ରଦାନରେ ଏମ୍ ସି ଏଲ୍ ପଦକ୍ଷେପ ନେଉନଥିବାର ଅଭିଯୋଗରେ ୪ଟି ଗ୍ରାମର ଅଧିବାସୀଙ୍କ ଦ୍ୱାରା ଧର୍ମଘଟ ହୋଇଥିଲା । ଏହି ଧର୍ମଘଟ ଦ୍ୱାରା କୋଇଲା ପରିବହନରେ ବାଧା ସୃଷ୍ଟି ହେବା ସହ ଜାତୀୟ ସ୍ୱାର୍ଥରେ ସମସ୍ୟା ସୃଷ୍ଟି ହୋଇଥିଲା । ଏହି ସମସ୍ୟାର ସମାଧାନ ନିମନ୍ତେ ଆଜି ପୂର୍ବାହ୍ଣରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏମ୍ ସି ଏଲ୍ ଓ ଗ୍ରାମବାସୀଙ୍କ ମଧ୍ୟରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ତାଳଚେର ବିଧାୟକ ଶ୍ରୀ ବ୍ରଜ କିଶୋର ପ୍ରଧାନ ଓ ଆରକ୍ଷୀ ଅଧୀକ୍ଷକ ଶ୍ରୀ ମିତ୍ରଭାନୁ ମହାପାତ୍ର ଯୋଗ ଦେଇଥିଲେ । ବୈଠକରେ ସର୍ବସମ୍ମତିକ୍ରମେ ୪ ଜଣ ମୃତକ ପରିବାରକୁ ଆଜି ଓ ଚଳିତ ମାସ ୧୦ ତାରିଖ ମଧ୍ୟରେ ୨ଟି ପର୍ଯ୍ୟାୟରେ ୩୦ ଲକ୍ଷ ଟଙ୍କାର ଅନୁକମ୍ପା ସହାୟତା ଏମ୍ ସି ଏଲ୍ ତରଫରୁ ପ୍ରଦାନ କରାଯିବ । ଏହାଛଡା ତୁରନ୍ତ ସେମାନଙ୍କ ପରିବାରରୁ ଜଣଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଦାନ କରାଯିବ ଯେଉଁଥିରେ କି ସେମାନେ ମାସକୁ ୨୦ ହଜାର ଟଙ୍କା ଭଳି ଦରମା ପାଇବେ । ଆସନ୍ତା ୧ ମାସ ମଧ୍ୟରେ ଏମ୍ ସି ଏଲ୍ ବୋର୍ଡରେ ସେମାନଙ୍କ ଚାକିରୀକୁ ସ୍ଥାୟୀ କରିବା ନିମନ୍ତେ ପ୍ରସ୍ତାବ ଦିଆଯିବ । ଏହାଛଡା ସେମାନଙ୍କୁ ସ୍ଥାୟୀ ଚାକିରୀ ପ୍ରଦାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଜିଲ୍ଲାପାଳଙ୍କ ଦ୍ୱାରା ଅନୁରୋଧ ପତ୍ର ପଠାଯିବ ବୋଲି ବୈଠକରେ ସ୍ଥିର ହୋଇଛି । ଏମ୍ ସି ଏଲ୍ ଦ୍ୱାରା ପରିଚାଳିତ କୋଇଲାଖଣି ଗୁଡିକରେ ପୁନର୍ବାର ଏପରି ଦୁର୍ଘଟଣା ଯେପରି ନ ଘଟେ ସେଥିପାଇଁ ଡି ଜି ଏମ୍ ଏସ୍‌ଙ୍କ ଦ୍ୱାରା ସୁରକ୍ଷା ବ୍ୟବସ୍ଥାକୁ କଡାକଡି ଯାଂଚ କରାଯିବ । ଏମ୍ ସି ଏଲ୍ ଦ୍ୱାରା ବିସ୍ଥାପିତ ପରିବାରରୁ ବିଭିନ୍ନ ଖଣିରେ କାର୍ଯ୍ୟରତ ଅବସ୍ଥାରେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତିର ଆଶ୍ରିତଙ୍କୁ ତୁରନ୍ତ କ୍ଷତିପୂରଣ ଓ ନିଯୁକ୍ତି ପ୍ରଦାନ ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ । ଏହାଛଡା ବିସ୍ଥାପିତ ପରିବାରକୁ ପ୍ରଦାନ କରାଯାଇଥିବା **(post dated cheque)** ଚେକ୍ ବାଉନସ୍ ହୋଇଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା । ତୁରନ୍ତ ଏହି ଚେକ୍ ବାବଦରେ ଆବଶ୍ୟକ ଟଙ୍କା ଆକାଉଣ୍ଟରେ ଜମା କରି ବିସ୍ଥାପିତ ପରିବାର ପ୍ରତି ମାନବିକତା ପ୍ରଦର୍ଶନ ଉପରେ ଆରକ୍ଷୀ ଅଧୀକ୍ଷକ ଏମ୍ ସି ଏଲ୍ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ । ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଧର୍ମଘଟକୁ ଓହରି ଏମ୍ ସି ଏଲର ଖଣି କାର୍ଯ୍ୟରେ ସହଯୋଗ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ । ପ୍ରାରମ୍ଭରେ ତାଳଚେର ଉପଜିଲ୍ଲାପାଳ ଶ୍ରୀ ପରେଶ ଚନ୍ଦ୍ର ନାୟକ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ତାଳଚେର ସୁରକ୍ଷା ମଂଚର ସଭାପତି ଶ୍ରୀ ମୁରଲୀଧର ସାହୁ ଗ୍ରାମବାସୀମାନଙ୍କର ଦାବୀ ଗୁଡିକୁ ବୈଠକରେ ଉପସ୍ଥାପନ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ବସନ୍ତ କୁମାର ପ୍ରଧାନ, ଉପଖଣ୍ଡ ପୋଲିସ ଅଧିକାରୀ(ତାଳଚେର) ଶ୍ରୀ ହେମନ୍ତ କୁମାର ପଣ୍ଡା ,ଏମ୍ ସି ଏଲର ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଶ୍ରୀ ରତନ କୁମାର ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ଖଣିର ଜି ଏମ୍,ବିସ୍ଥାପିତ ଗ୍ରାମବାସୀଙ୍କ ପ୍ରତିନିଧି ଓ ମୃତକମାନଙ୍କର ସମ୍ପର୍କୀୟ ମାନେ ଯୋଗ ଦେଇଥିଲେ ।

